ଧରିତ୍ରୀ
DHARITRI
ରାୟଗଡ଼ା, ଗୁରୁବାର, ୧୭ ଜୁନ୍, ୨୦୨୧

## କମୁଛି ସଂକ୍ରମଣ, ବଢ଼ୁଛି ସୁସ୍ଥ ହାର

କୋରାପୁଟ,(ସ୍ୱ.ପ୍ର.): କୋରାପୁଟ ଜିଲାରେ ଲଗାତର କମିବାରେ ଲାଗିଛି କରୋନା ସଂକ୍ରମଣ। ବୁଧବାର ମଧ କରୋନା ତା'ର ନିମ୍ନମୁଖୀ ଗତି ଜାରି ରଖିଛି। ବୁଧବାର ଜିଲାରେ ୫୬ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ପଜିଟିଭଙ୍କ ମଧ୍ୟରେ ଜିଲାର ଜୟପୁର ପୌରାଞ୍ଚଳରୁ ୧୩ଜଣ, କୋରାପୁଟ ପୌରାଞ୍ଚଳ ୭, ସୁନାବେଡ଼ା ପୌରାଞ୍ଚଳ ୬, ବୋରିଗୁମ୍ମା ବ୍ଲକରୁ ୨, ବନ୍ଧୁଗାଁ ବ୍ଲକ ୨, ବୈପାରିଗୁଡ଼ା ବ୍ଲକ ୪, ଦଶମନ୍ତପୁର ବ୍ଲକ ୩, କୋରାପୁଟ ବ୍ଲକ ୫, କୁନ୍ଦୁରା ବ୍ଲକରୁ ଜଣେ,ଲମତାପୁଟ ବ୍ଲକ ୨, ଲକ୍ଷ୍ମୀପୁର ବ୍ଲକ ୫, ନାରାୟଣପାଟଣା ବ୍ଲକ ୩, ପଟ୍ଟାଙ୍ଗୀ ବ୍ଲକରୁ ୩ଜଣ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଜିଲାରେ କରୋନା ସଂକ୍ରମଣ ଯେପରି କମୁଛି ଜିଲାରେ ସୁସ୍ଥ ହାର ମଧ ସେହିପରି ବୃଦ୍ଧି ପାଉଛି। ବୁଧବାର ଜିଲାରୁ ପୁଣି ୧୬୩ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ସୁସ୍ଥ ବ୍ୟକ୍ତିଙ୍କ ସଂଖ୍ୟା ୧୫ ହଜାର ୮୯୦ ହୋଇଛି।



**ସଂକ୍ଷେପରେ**

### ଉମାଶଙ୍କର ଜୟପୁର ଉପ କାରାଗାରର ନୂଆ ଜେଲର



ଜୟପୁର,୧୬।୬ (ନି.ପ୍ର.): ଜୟପୁର ଉପ କାରାଗାରର ନୂଆ ଜେଲର ହୋଇଛନ୍ତି ଉମାଶଙ୍କର ମାଝି। ଏଠାରେ ଥିବା ଲଲାଟେନ୍ଦୁ ଭୂଷଣ ଦାସଙ୍କୁ ସମ୍ବଲପୁର ଜେଲକୁ ବଦଳି ହୋଇଛି। ଉମାଶଙ୍କର ଏହା ପୂର୍ବରୁ ଫୁଲବାଣୀର ଜେଲର ଥିଲେ। ଜୟପୁର ଜେଲର ଗୌରବ ଯେପରି ବଜାୟ ରହିବ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ଏହି ଅବସରରେ ସେ ସୂଚନା ଦେଇଛନ୍ତି।

### ୪ କୁଇଣ୍ଟାଲ ଗଞ୍ଜେଇ ଜବତ

ମୁନିଗୁଡ଼ା, ୧୬।୬(ଡି.ଏନ୍.ଏ.): ଏକ ଟ୍ରକରେ ଗଞ୍ଜେଇ ଚାଲାଣ ବେଳେ ମୁନିଗୁଡ଼ା ପୋଲିସ ତାହାକୁ ଜବତ କରିଛି। ଟ୍ରକ୍ ଡ୍ରାଇଭର କିନ୍ତୁ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଗଞ୍ଜେଇ ଚାଲାଣ ଖବରପାଇବା ମୁନିଗୁଡା ଏସଡ଼ିପିଓ ଆକାଶ ଚନ୍ଦ୍ର ସାହୁ ଓ ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ଗଠିତ ଟିମ୍ ତେଲେଙ୍ଗାପଦର ଗ୍ରାମ ନିକଟରେ ଟ୍ରକ୍ (ବିଆର୍-୦୬ଜିଏ-୬୧୪୪)କୁ ଯାଞ୍ଚ କରିଥିଲେ। ପୋଲିସକୁ ଦେଖି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଟ୍ରକରେ ୧୧ ବସ୍ତାରେ ୪ କୁଇଣ୍ଟାଲ ୪୦ କେ.ଜି. ଗଞ୍ଜେଇ ଥିଲା। ଯାହାର ଆନୁମାନିକ ମୂଲ୍ୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି। ପୋଲିସ ୭୬/୨୧ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ସରିଲା ଶିବ ପାର୍ବତୀଙ୍କ ବିବାହ



ଗୁଣପୁର,୧୬।୬(ଡି.ଏନ୍.ଏ.): ରାୟଗଡା ଜିଲା ଗୁଣପୁର ବାଘୁଆ ଦେଉଳ ତଥା ଉମା ରାମଲିଙ୍ଗେଶ୍ୱର ମନ୍ଦିରରେ ଶିବ ପାର୍ବତୀଙ୍କ ବିବାହ ଏବଂ ଶୀତଳ ଷଷ୍ଠୀ ଉତ୍ସବ କୋଭିଡ୍ କଟକଣା ମଧ୍ୟରେ ଶେଷ ହୋଇଛି। ମଙ୍ଗଳବାର ଦିନ ଶିବ ପାର୍ବତିଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବରପିତା ଭାବେ ପ୍ରସାଦ ମହାନ୍ତି ଏବଂ କନ୍ୟାପିତାଭାବେ ବାବୁଲା ପାଣିଗ୍ରାହୀ ଉପସ୍ଥିତ ରହି ଶିବ ପାର୍ବତିଙ୍କ ବିବାହ କରାଇଥିଲେ। ଯଥାରିତି ସମସ୍ତ କାର୍ଯ୍ୟ ଶେଷ ହେଇଥିଲା। ବ୍ରହ୍ମାଶ୍ରୀ ଗୁପ୍ତେଶ୍ୱର ରଥ ଶର୍ମା ପୂଜକ ଭାବେ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ବୁଧବାର ଶୀତଳ ଷଷ୍ଠୀ ଉତ୍ସବ କରାଯାଇଛି।

### ଫକୀରମୋହନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ବୈପାରିଗୁଡ଼ା,୧୬।୬(ଡି.ଏନ୍.ଏ.): ଓଡ଼ିଆ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ଫକୀର ମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକୀ ବୈପାରିଗୁଡ଼ାସ୍ଥିତ ଭାରତୀୟ ଛାତ୍ର ସଙ୍ଗଠନ ପକ୍ଷରୁ ପାଳିତ ହୋଇଯାଇଛି। ଏଆଇଡିଏସ୍ଓ ଏବଂ ଏଆଇଏମ୍ଏସ୍ଏସ୍ ପକ୍ଷରୁ ପାଳନ ହୋଇଥିବା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିମାନେ ଫକୀରମୋହନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏସ୍ୟୁସିଆଇର କୋରାପୁଟ ଜିଲା ସମ୍ପାଦକ ମଣ୍ଡଳୀର ସୂର୍ଯ୍ୟ ନାରାୟଣ ବିଶୋୟୀ ଅତିଥି ରୂପେ ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟକୃତି, ନବ ଉତ୍କଳ ଗଠନରେ ତାଙ୍କ ଅବଦାନ ଓ ମହିଳାଙ୍କ ପାଠପଢ଼ା ନେଇ ତାଙ୍କ ଉଦ୍ୟମ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀନେତ୍ରୀ ପ୍ରମିଳା ପୂଜାରୀ, ନବୀନା ବାରିକ, ସାଂସ୍କୃତିକ ସଙ୍ଗଠନର ଲକ୍ଷ୍ମୀ ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ମଣ୍ଡି ନ ଥିବାରୁ ଦଲାଲଙ୍କ ଶିକାର ହେଉଛନ୍ତି ଚାଷୀ

ରାୟଗଡା ଅଫିସ, ୧୬।୬



ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଦାବିପତ୍ର ଗ୍ରହଣ କରୁଛନ୍ତି।

ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚାଷୀ ଧାନ ବିକ୍ରି କରି ପାରୁ ନାହାନ୍ତି। ଫସଲ ବିକ୍ରି କରିବାକୁ ସେମାନଙ୍କୁ ଦଲାଲଙ୍କ ଉପରେ ନିର୍ଭର କରିବାକୁ ପଡୁଛି। ଚାଷୀ ଦଲାଲଙ୍କ ହାବୁଡ଼ରେ ପଡି ଅନେକ କ୍ଷତି ସହୁଛନ୍ତି। ଏହା ବିରୋଧରେ ରାୟଗଡା ଜିଲା କିସାନ କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡା ଗ୍ରହଣ କରିଛନ୍ତି। ମଣ୍ଡି ବ୍ୟବସ୍ଥା ନ ଥିବାରୁ ଚଳିତ ବର୍ଷ ଚାଷୀ ନିଜର ଉପାର୍ଜିତ ଧାନକୁ ବିକ୍ରି କରିପାରୁନି। ଚଳିତ ବର୍ଷ ରାୟଗଡା ଜିଲା ପଦ୍ମପୁର ବ୍ଲକରେ ସର୍ବାଧିକ ଧାନ ଚାଷ ହୋଇଛି, ହେଲେ ବିକ୍ରି ବଟାର ସୁବିଧା ନ ଥିବାରୁ ତାହା ଖଳାରେ ପଡିରହିଛି। ବାଧ ହୋଇ ଚାଷୀ ଦଲାଲକୁ ବିକ୍ରି କରୁଛନ୍ତି। ସରକାର ଜିଲା ପ୍ରଶାସନ ତୁରନ୍ତ ଚାଷୀଙ୍କ ପାଇଁ ମଣ୍ଡି ବ୍ୟବସ୍ଥା କରି ଧାନର ସହାୟକ ମୂଲ୍ୟ ଧାର୍ଯ୍ୟ କରି ଚାଷୀଙ୍କୁ ନ୍ୟାୟ ଦିଅନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ଦେବା ସମୟରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, କିସାନ କଂଗ୍ରେସ ସଭାପତି ଉପେନ୍ଦ୍ରଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଜୀବନ ସହ ସଂଘର୍ଷ କରୁଛନ୍ତି ଗଡ୍‌ମ୍ୟାନ

**ହଜାର ହଜାର ରୋଗୀଙ୍କୁ ସୁସ୍ଥ କରିଥିବା ଡାକ୍ତର ଏବେ କରୋନା ସଂକ୍ରମିତ**

ବିଷମକଟକ, ୧୬।୬(ଡି.ଏନ୍.ଏ.)



ଜୋହନ ଚେରିଆନ ଓମେନ

ହଜାର ହଜାର କରୋନା ଆକ୍ରାନ୍ତଙ୍କୁ ସୁସ୍ଥ କରି ବିଷମକଟକ ଅଞ୍ଚଳରେ ଗଡ୍‌ମ୍ୟାନ ପରିଚୟ ସୃଷ୍ଟି କରିଛନ୍ତି ଡାକ୍ତର ଜୋହନ ଚେରିଆନ ଓମେନ (୫୯)। ସେ ଏବେ କରୋନାରେ ଆକ୍ରାନ୍ତ ହୋଇ ଜୀବନ ସହ ସଂଘର୍ଷ କରୁଛନ୍ତି। ଡାକ୍ତର ଜୋହନ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲ ଅଧକ୍ଷ। କରୋନା ଆକ୍ରାନ୍ତଙ୍କୁ ସୁସ୍ଥ କରାଇ ସେ ଘରକୁ ପଠାଉଥିଲେ। ଦେଶରେ କରୋନା ଦ୍ୱିତୀୟ ଲହରରେ ଅମ୍ଳଜାନ ପାଇଁ ଯେତେବେଳେ ହାହାକାର ହେଉଥିଲା, ସେହି ସମୟରେ ନିଜର ଦୂରଦୃଷ୍ଟି ଏବଂ ଚିନ୍ତା ବଳରେ ହସ୍ପିଟାଲ ପରିସରରେ ନିଜସ୍ୱ ଅମ୍ଳଜାନ ୟୁନିଟ ସ୍ଥାପନ କରି ରୋଗୀଙ୍କୁ ସେ ଅମ୍ଳଜାନ ଦେବା ବ୍ୟବସ୍ଥା କରିଥିଲେ। କୋଭିଡ୍‌ରେ ପ୍ରାଣ ହରାଉଥିବା ଲୋକଙ୍କ ସତ୍କାର ସମୟରେ ଡାକ୍ତର ନିଜେ ପିପିଇ ପିନ୍ଧି ଉପସ୍ଥିତ ଥିବା ନଜିର ଅଛି ବୋଲି ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲର ସହ ଅଧକ୍ଷ ଡାକ୍ତର ସୁନୀଲ ଜୀବନମଲ କହିଛନ୍ତି। କିଛିଦିନ ତଳେ କରୋନାରେ ଆକ୍ରାନ୍ତ ହୋଇ ସେ ହୋମ୍ ଆଇସୋଲେଶନରେ ଥିଲେ। କିନ୍ତୁ ୧୪ତାରିଖ ସନ୍ଧ୍ୟାରେ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣା ଓ ସେଠାରୁ ଭେଲୋର ପଠାଯାଇଛି। ଏହି ଖବର ପ୍ରଚାରହେବା ପରେ ମନ୍ତ୍ରୀ ଜଗନ୍ନାଥ ସାରକା , ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ, କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଖ୍ରୀଷ୍ଟିଆନ ହସ୍ପିଟାଲ ଡାକ୍ତର ହେମାପ୍ରଭା ମହାନ୍ତି, ପ୍ରଜ୍ଞା, ବାର ଆସୋସିଏସନ ସଭାପତି ଜି. ମନମଧ ରାଓ, ଆଇନଜୀବୀ ପୃଥ୍ୱୀରାଜ ସାହୁ ତାଙ୍କ ଆରୋଗ୍ୟ କାମନା କରିଛନ୍ତି।

# ସହରର ସର୍ବାଙ୍ଗୀନ ବିକାଶକୁ ଗୁରୁତ୍ୱ ଦେବି: ଏମ୍‌ପି ପ୍ରତିନିଧି



ପୌରନିର୍ବାହୀ ଅଧିକାରୀଙ୍କୁ ମନୋଜ ଏମ୍‌ପିଙ୍କ ଚିଠି ଦେଉଛନ୍ତି।

ମାଲକାନଗିରି,୧୬।୬(ଡି.ଏନ୍.ଏ.)

ମାଲକାନଗିରି ପୌର ପରିଷଦର ସର୍ବାଙ୍ଗୀନ ବିକାଶ ପ୍ରତି ଅଗ୍ରାଧିକାର ଦେବା ମୋର ପ୍ରାଥମିକ କର୍ତ୍ତବ୍ୟ ହେବ ବୋଲି କହିଛନ୍ତି ନିକଟରେ ମାଲକାନଗିରି ପାଇଁ ଏମ୍‌ପିଙ୍କ ପ୍ରତିନିଧି ରୂପେ ମନୋନୀତ ହୋଇଥିବା ମନୋଜ ବାରିକ । ଏନେଇ ଏକ ପତ୍ର ବୁଧବାର ସେ ନିର୍ବାହୀ ଅଧିକାରୀ ତ୍ରିଶୁଳ ମାର୍ଡିଙ୍କୁ ପ୍ରଦାନ କରିବା ଅବସରରେ ଏହା କହିଛନ୍ତି। ଏହି ସମୟରେ ପୂର୍ବତନ ବିଧାୟକ ତଥା ବିକାଶ ପରିଷଦ ଅଧକ୍ଷ ମାନସ ମାଡକାମି, ଜିଲା ପରିଷଦର ପୂର୍ବତନ ଉପାଧ୍ୟକ୍ଷ ବଂଶୀଧର ମୁଦୁଲି, ଯୁବନେତା ହୃଦାନନ୍ଦ ସାହୁ, ଆଇନଜୀବୀ ଲମ୍ବୋଦର ଡୁରୁକ, ସାମାଜିକ କର୍ମୀ ପ୍ରଭାକର ସଲବେସା, ଜଗୁ ପଡ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ। ବାରିକ ମାଲକାନଗିରି ପୌର ପରିଷଦର ୧୯ଟି ୱାର୍ଡର ପରିମଳ ବ୍ୟବସ୍ଥା, ପାନୀୟ ଜଳ, ବୁଲା ଗୋରୁଙ୍କୁ ଖାଦ୍ୟ ବିତରଣ, ସହର ପରିଷ୍କାର ପରିଚ୍ଛନ୍ନତା, କୋଭିଡ୍-୧୯ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ଖାଦ୍ୟପେୟ, ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ଜ୍ୟବସ୍ତୁକୁ ନେଇ ପୌର ପରିଷଦ ପକ୍ଷରୁ ମୁଣ୍ଡାଗୁଡ଼ାଠାରେ ଜୈବିକ ଖତ ସାର ପ୍ରସ୍ତୁତିକୁ ସେ ପ୍ରଶଂସା କରି ଅନ୍ୟ ଏକ ସ୍ଥାନରେ ଦ୍ୱିତୀୟ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ଆଣିବେ ବୋଲି କହିଥିଲେ।

### ମାଙ୍ଗୋଇ ଗମାଙ୍ଗଙ୍କ ଜୟନ୍ତୀ

ଗୁଣପୁର,୧୬।୬(ଡି.ଏନ୍.ଏ.)

ସୌରା ଭାଷା ଓ ଲିପିର ସ୍ରଷ୍ଟା ତଥା ସୌରା ପଣ୍ଡିତ ମାଙ୍ଗେଇ ଗମାଙ୍ଗ ୧୦୫ ତମ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଗୁଣପୁରସ୍ଥିତ ଶବର ସାଂସ୍କୃତିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ସଭାପତି ଚକ୍ରପାଣି ଶବର, ବଳରାମ ଶବର, ବିଦ୍ୟାଧର ଶବର, ମମ ଶବର, ମାଧବ ଶବର, ହରିବନ୍ଧୁ ଶବର ଏବଂ ଫାଲଗୁନି ଶବର ପ୍ରମୁଖ ଉପସ୍ଥିତ ଥିଲେ। ସୌରା ଭାଷା ଏବଂ ଲିପି ପାଇଁ ମାଙ୍ଗେଇ ଗମାଙ୍ଗଙ୍କ ଅବଦାନ ସଂପର୍କରେ ସ୍ମୃତିଚାରଣ କରାଯାଇଥିଲା। ସେହିପରି ଏଙ୍ଗେରବା, ଘନାନ୍ତ୍ରୀ, ଲବା, ମରିଚଗୁଡା, ଲାଉଗୁଡା, କୁଜେନ୍ଦ୍ରୀ, ଖଇରା, ମେରିଙ୍ଗି, ଆମ୍ବାବାଡ଼ି, କେରାଣ୍ଡିଗୁଡା, ଝାର୍ଲିଂଗୁଡା, ଟିଟିମିରି, ତଜୁଲ, ସିଂପଦର, ମୁଣ୍ଡା, ଭୀମପୁର ଆଦି ଅଞ୍ଚଳରେ ମଧ ମାଙ୍ଗେଇ ଗମାଙ୍ଗଙ୍କ ଜୟନ୍ତୀ ପାଳନ କରାଯାଇଛି।

**ରଜଦୋଳି କଟମଟ....**





ରାୟଗଡ଼ା କୁମୁଟିପେଣ୍ଠ ଓ ଟିକିରିରେ ମହିଳା, ଯୁବତୀ ଓ ପିଲାମାନେ ଦୋଳିର ମଜା ନେଉଛନ୍ତି।

# ରକ୍ତଦାତା ଫୋରମ ଜିଲା ପ୍ରଶାସନର ଦ୍ୱାରସ୍ଥ

**କୋରାପୁଟ ବ୍ଲଡ୍ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅସହଯୋଗ ଅଭିଯୋଗ**

କୋରାପୁଟ,୧୬।୬(ସ୍ୱ.ପ୍ର.)

କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଥିବା ବ୍ଲଡ୍ ବ୍ୟାଙ୍କ କର୍ତ୍ତୃପକ୍ଷ ଅସହଯୋଗ କରୁଥିବା ଜିଲା ରକ୍ତଦାତା ଫୋରମ ଅଭିଯୋଗ କରିଛି। ଏନେଇ ଫୋରମ କର୍ମକର୍ତ୍ତାମାନେ ବୁଧବାର ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ପ୍ରତିବର୍ଷ ବିଶ୍ୱ ରକ୍ତଦାତା ଦିବସରେ ଫୋରମ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଗତ ୧୪ତାରିଖରେ ଫୋରମ ସ୍ଥାନୀୟ ଟ୍ରାଫିକ ଛକ, ଚନ୍ଦନ ପୋଖରୀ ଓ କଳାନିକେତନଠାରେ ରକ୍ତଦାନ ଶିବିର ଆୟୋଜନ କରିବା ନେଇ ୧୨ତାରିଖରେ ବ୍ଲଡ୍‌ବ୍ୟାଙ୍କର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡ଼ି ଯୋଗାଇଦେବାକୁ କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ନିବେଦନ କରାଯାଇଥିଲା । ୧୪ତାରିଖରେ ୨୦ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିବାକୁ ଆସିଥିଲେ,ମାତ୍ର ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଗାଡ଼ି ଓ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଆସି ନ ଥିଲେ ବୋଲି ସଭାପତି ଜି. ସଞ୍ଜୀବ କୁମାର କହିଛନ୍ତି। ଏପରି ଅସହଯୋଗ ମନୋଭାବର ତଦନ୍ତ କରାଯିବା ସହ ରକ୍ତଦାନ ଶିବିରରେ କର୍ତ୍ତୃପକ୍ଷ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡ଼ିକ ସହ ଉତ୍ତମ ସମ୍ପର୍କ ରଖିବାକୁ ଜିଲାପାଳଙ୍କୁ ପ୍ରଦତ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି । ଫୋରମ ପକ୍ଷରୁ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ଏହା ପ୍ରଦାନ କରାଯାଇଥିଲା। ଫୋରମର ଶେଖ ଇବ୍ରାହିମ,ରାଜେନ୍ଦ୍ର କୁମାର ସାହୁ, ଚନ୍ଦ୍ରଶେଖର ରଥ, ଡ. ଉମାଶଙ୍କର ପ୍ରସାଦ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ ସେବାରୁ ବଞ୍ଚିତ ଚିତ୍ରକୋଣ୍ଡାବାସୀ

ଚିତ୍ରକୋଣ୍ଡା,୧୬।୬(ଡି.ଏନ.ଏ.)

ଚିତ୍ରକୋଣ୍ଡା ଅଞ୍ଚଳରେ ୪ ଦିନ ହେଲାଣି ବିଏସଏନ୍ଏଲ ନେଟୱର୍କ ନାହିଁ। ଫଳରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ସରକାରଙ୍କର ସମସ୍ତ ବ୍ୟବସ୍ଥା ଅନ୍‌ଲାଇନ ମାଧ୍ୟମରେ ହେଉଥିବାରୁ ବିଭିନ୍ନ କାର୍ଯ୍ୟ ଲାଗି ଲୋକେ ବିଏସଏନ୍ଏଲ ନେଟୱର୍କ ଉପରେ ନିର୍ଭର କରନ୍ତି। ଏହା ଉପଲବ୍ଧ ହେଉ ନ ଥିବାରୁ ବ୍ଲକର ୧୮ ଟିପଞ୍ଚାୟତର ଲୋକେ ଅସୁବିଧା ଭୋଗୁଛନ୍ତି। ଏଥିଯୋଗୁ ସମସ୍ତ ସରକାରୀ ଓ ବେସରକାରୀ କାମ ବନ୍ଦ ରହିଛି। ବିଏସଏନ୍ଏଲ କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଜନସାଧାରଣ ଅସୁବିଧାରେ ପଡୁଛନ୍ତି। ବିଭାଗର ମାଲକାନଗିରିରେ କାର୍ଯ୍ୟରତ କର୍ମଚାରୀଙ୍କୁ ଫୋନ କଲେ କେହି ଫୋନ ଉଠାଉନହାନ୍ତି। ବିଏସଏନଏଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଶାବଳରେ ପିଟି ସ୍ତ୍ରୀକୁ ହତ୍ୟା

ରାୟଗଡ ଅଫିସ, ୧୬।୬

ପାରିବାରିକ କଳହରେ ଉତ୍ୟକ୍ତ ହୋଇ ନିଜ ସ୍ତ୍ରୀକୁ ଶାବଳରେ ଆକ୍ରମଣ କରି ହତ୍ୟା କରିଛନ୍ତି ସ୍ୱାମୀ। ଏଭଳି ଘଟଣା ଘଟିଛି ରାୟଗଡ଼ା ଥାନା ଅଧୀନ ଗୁମ୍ମା ପଞ୍ଚାୟତ ଫୁଲୁଗୁଡା ଗ୍ରାମରେ। ମୃତ ମହିଳା ହେଲେ ଚମ୍ପା ନିଶିକା (୨୫)। ପୋଲିସ ତାଙ୍କ ସ୍ୱାମୀ ରତୁନୁ ନିଶିକାଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। କୁମ୍ଭିକୋଟା ଫାଣ୍ଡି ଅଧୀନ ଫୁଲୁଗୁଡା ଗ୍ରାମରେ ରତୁନୁ ଦ୍ୱିତୀୟ ସ୍ତ୍ରୀ ଚମ୍ପା ଓ ସାତ ମାସର ସନ୍ତାନ ନେଇ ରହୁଥିଲେ। ଉଭୟଙ୍କ ମଧ୍ୟରେ ଦୀର୍ଘଦିନ ଧରି ପାରିବାରିକ କଳହ ଲାଗି ରହିଥିଲ। ମଙ୍ଗଳବାର ରତୁନୁ ଶୋଇଥିବା ବେଳେ ସ୍ତ୍ରୀ ଚମ୍ପା ତାଙ୍କୁ ଉଠାଇବାରୁ ସେ ଉତ୍ୟକ୍ତ ହୋଇ ଘରେ ଥିବା ଏକ ଶାବଳରେ ଚମ୍ପାଙ୍କ ମୁଣ୍ଡ ଓ ବେକକୁ ଆକ୍ରମଣ କରିଥିଲେ। ପ୍ରବଳ ରକ୍ତସ୍ରାବ ବୋହିବାରୁ ଘଟଣାସ୍ଥଳରେ ଚମ୍ପାଙ୍କର ମୃତ୍ୟୁ ହୋଇଯାଇଛି। ବୁଧବାର ସକାଳେ ଖବର ପାଇ ଫୁଲୁଗୁଡା ଗ୍ରାମରେ ପୋଲିସ ପହଞ୍ଚି ରତୁନୁଙ୍କ ଥାନାରେ ଅଟକ ରଖି ପଚରାଉଚରା କରୁଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରାୟଗଡା ଆଇୟୁସିଏଡବ୍ଲ୍ୟୁ ଡିଏସ୍‌ପି ଉଲ୍ଲାସ ମାଝି ଘଟଣାର ତଦନ୍ତ କରୁଛନ୍ତି। ଟାଉନ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ,ଏସ୍‌ଆଇ ଶିବ ଶଙ୍କର ସାହୁ, ସୌମ୍ୟରଞ୍ଜନ ପତି,କୁମ୍ଭିକୋଟା ଫାଣ୍ଡି ଅଧିକାରୀ ଏସ୍.ଆଇ.ପିତାମ୍ବର ଶବର ପ୍ରମୁଖ ଘଟଣାସ୍ଥଳରେ ତଦନ୍ତ କରୁଛନ୍ତି।

# କୁଲାବେଡ଼ା ଜଙ୍ଗଲରେ ପୋଲିସ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି,୧୬।୬(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ଥାନା ଅନ୍ତର୍ଗତ ଛତିଶଗଡ଼ ସୀମାନ୍ତରେ ଥିବା କୁଲାବେଡ଼ା ଜଙ୍ଗଲରେ ମଙ୍ଗଳବାର ଅପରାହ୍ଣରେ ପୋଲିସ-ମାଓବାଦୀ ମୁହାଁମୁହିଁ ହୋଇଛନ୍ତି। ଉଭୟପକ୍ଷଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଏଥିରେ ଅନେକ ମାଓବାଦୀ ଆହତ ହୋଇଛନ୍ତି। ମାଲକାନଗିରି ଡିବିଏଫ୍ ଓ ଏସ୍‌ଓଜି ଯବାନମାନେ କୋମ୍ବିଂ ଅପରେଶନ କରୁଥିବା ବେଳେ ଏପରି ଘଟିଛି। ସେମାନେ ଆତ୍ମସମର୍ପଣ କଲେ ସେମାନଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ବୋଲି ମାଲକାନଗିରି ଏସ୍‌ପି ରିଶିକେଷ ଡି. ଖିଲାରି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କୁଲାବେଡ଼ା ଜଙ୍ଗଲରେ ମାଓବାଦୀଙ୍କ ଏକ ଶିବିର ଚାଲିଥିବା ଖବର ପାଇ ଡିବିଏଫ୍ ଓ ଏସ୍‌ଓଜି ଯବାନମାନେ ସେହି ଅଞ୍ଚଳରେ କୋମ୍ବିଂ ଅପରେଶନ କରୁଥିଲେ। ଜଙ୍ଗଲ ଭିତରକୁ ପୋଲିସ ଆସିଥିବା ସୂଚନା ପାଇ ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ଏହାର ପାଲଟା ଜବାବ ଦେଇ ଯବାନମାନେ ମଧ ଗୁଳିଚାଳନା କରିଥିଲେ। ପୋଲିସ ଗୁଳିର ସମ୍ମୁଖୀନ ହୋଇ ନ ପାରି ମାଓବାଦୀମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ । ଗୁଳି ବିନିମୟ ପରେ ଯବାନମାନେ ତଲାସି କରିବାରୁ ଇନ୍‌ସା ରାଇଫଲ ଗୋଟିଏ , ୩୯ ଗୁଳି , ଏକେ -୪୭ ମାଗାଜିନ୍ , ଇନ୍‌ସାର ମାଗାଜିନ୍ , ପାୱାର ବ୍ୟାଙ୍କ, ବ୍ୟାଟେରି , କିଟ୍ ବ୍ୟାଗ୍, ମାଗାଜିନ୍ ପାଉଚ୍ , ଡିଜିଟାଲ କ୍ୟାମେରା ସହ ବିଭିନ୍ନ ରୋଗର ଔଷଧ ଜବତ କରାଯାଇଥିବା ଏସ୍‌ପି ପ୍ରକାଶ କରିଛନ୍ତି।



ଜବତ ମାଓବାଦୀ ସାମଗ୍ରୀ।

### ପାପଡାହାଣ୍ଡିରେ ନୂଆ ବିଇଓ



ପାପଡାହାଣ୍ଡି,୧୬।୬(ଡି.ଏନ୍.ଏ.)

ନବରରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଭାବେ ବିରେନ୍ଦ୍ର କୁମାର ପାଢୀ ଯୋଗ ଦେଇଛନ୍ତି। ଏହି ଅବସରରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଦର୍ଶନ ମାଝୀ,ସମ୍ପାଦକ ରତିକାନ୍ତ ପଣ୍ଡା ସହ ଶିକ୍ଷକ ବାବୁଲାଲ ହରିଜନ,ଏବିଇଓ ଦଶରଥ ଗଣ୍ଡ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ଏଥି ପୂର୍ବରୁ ସେ ଝରିଗାଁ ବ୍ଲକରେ କାର୍ଯ୍ୟରତ ଥିଲେ।

### ଅସଦାଚରଣ ଅଭିଯୋଗ: ଯୁବକଙ୍କୁ କୋର୍ଟ ଚାଲାଣ

ଗୁଣପୁର,୧୬।୬(ଡି.ଏନ୍.ଏ.)

ନାବାଳିକାଙ୍କ ଘରେ ପଶି ଅସଦାଚାରଣ କରିବା ଅଭିଯୋଗରେ ପୋଲିସ ମନୋଜ ବାଉରୀଙ୍କୁ ଗିରଫ କରିବା ସହ ବୁଧବାର ରାୟଗଡା ପୋକ୍ସ କୋର୍ଟକୁ ଚାଲାଣ କରିଛି। ନାବାଳିକାଙ୍କୁ ଅସଦାଦାରଣ କରିଥିବା ମନୋଜଙ୍କ ନାମରେ ଅଭିଯୋଗ ହୋଇଥିଲା। ପିଡିତାଙ୍କ ମା' ଗୁଣପୁର ଥାନାରେ ଅଭିଯୋଗ କରିବା ପରେ ମଙ୍ଗଳବାର ମନୋଜଙ୍କୁ ଥାନାକୁ ଆଣି ପଚରା ଉଚରା କରାଯାଇଥିଲା। ସୂଚନା ଅନୁଯାୟୀ, ଗୁଣପୁର ଥାନା ଅଞ୍ଚଳର ଜଣେ ନାବାଳିକା ସୋମବାର ବଜାରକୁ ଯାଇ ଘରକୁ ଫେରିବା ସମୟରେ କନ୍ୟକା ପରମେଶ୍ୱରୀ ମନ୍ଦିର ନିକଟ ରାସ୍ତାରେ ବାଇକରେ ଆସୁଥିବା ମନୋଜ ତାଙ୍କୁ ଧକ୍କା ଦେଇଥିଲେ। ଏହାପରେ ନାବାଳିକା ଘରକୁ ଆସି ସମସ୍ତ ଘଟଣା କହିଥିଲେ। କିଛି ସମୟରେ ପରେ ମାଆ ଦୋକନାକୁ ଚାଲିଯିବା ପରେ ମନୋଜ ଘର ବାଡି ପଟୁ ଆସି ନାବାଳିକାଙ୍କ ଘର ଭିତରେ ପଶି ତାଙ୍କ ପାଟିକୁ ବନ୍ଦ କରି ଦେଇଥିଲେ। ସୁଯୋଗ ପାଇ ନାବାଳିକା ଜଣଙ୍କ ଚିତ୍କାର କରିଥିଲେ। ତାଙ୍କ ପାଟିଶୁଣି ନାବାଳିକାଙ୍କ ମାଆ ସେଠାକୁ ଆସିଥିଲେ। ଏବେବେଳ ସୁଦ୍ଧା ମନୋଜ ତାଙ୍କ ଘରୁ ଚାଲି ଯାଇଥିଲେ। ଏନେଇ ନାବାଳିକାଙ୍କ ମା ମଙ୍ଗଳବାର ଗୁଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ.୭୪/୨୧ରେ ମାମଲା ରୁଜୁ କରି ମନୋଜଙ୍କୁ ଗିରଫ କରିଛି।

# ଧାନର ଅଭାବୀ ବିକ୍ରିକୁ କଂଗ୍ରେସର ପ୍ରତିବାଦ

**ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଦାବିପତ୍ର**

କୋରାପୁଟ,୧୬।୬(ସ୍ୱ.ପ୍ର.)



କଂଗ୍ରେସ କର୍ମକର୍ତ୍ତାମାନେ ଏଡିଏମ୍‌ଙ୍କୁ ଦାବିପତ୍ର ଦେଉଛନ୍ତି।

କୋରାପୁଟ ଜିଲାରେ ଧାନର ଅଭାବୀ ବିକ୍ରି ପ୍ରତିବାଦରେ କୋରାପୁଟ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନଙ୍କୁ ଏହି ଦାବିପତ୍ର ଦିଆଯାଇଛି । ରବି ଋତୁରେ ପଞ୍ଜୀକୃତ ସମସ୍ତ ଚାଷୀଙ୍କ ଧାନ କ୍ରୟ କରିବା, ଧାନର ସର୍ବନିମ୍ନ ମୂଲ୍ୟ କୁଇଣ୍ଟାଲ ପିଛା ୨୩୯୦ ଟଙ୍କା ରଖିବା, କୁଇଣ୍ଟାଲ ପିଛା ୫ଶହ ଟଙ୍କା ଲେଖାଏ ବୋନସ ଦେବା ଏବଂ ଚାଷୀଙ୍କୁ ମିଳୁଥିବା ୧୨ ଦିନିଆ ଟୋକନକୁ ଏକ ମାସ ପର୍ଯ୍ୟନ୍ତ ବର୍ଦ୍ଧିତ କରିବା ଆଦି ଦାବି ଉଲ୍ଲେଖ ରହିଛି। ଜିଲା କିଷାନ କଂଗ୍ରେସ କମିଟି ସଭାପତି ଭବାନୀ ରଥଙ୍କ ନେତୃତ୍ୱରେ ପୂର୍ବତନ ନଗରପାଳ ଭଗବାନ ବାହିନୀପତି, ବ୍ଲକ ସଭାପତି ରମେଶ ବାଖ୍ୟା, ଭବାନୀ ଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଦାବିପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ଧାରଣା

ନବରଙ୍ଗପୁର, ୧୬।୬ (ବି.ପ୍ର.)

ନବରଙ୍ଗପୁରର କପସାଭଟ୍ଟା ଓ ସାରିଆଭଟ୍ଟା ଗ୍ରାମବାସୀ ବୁଧବାର ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ଦେଇଛନ୍ତି। ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

ଗ୍ରାମବାସୀମାନେ ଜଙ୍ଗଲ ଜମିରେ ଦୀର୍ଘ ୪୦ ବର୍ଷ ହେବ ଚାଷ କରି ଆସୁଛନ୍ତି। ଏବେ ସେଠାରେ କିନ୍ତୁ କୁସୁମଗୁଡା ଓ ସିଲିଗୁଡା ବନସୁରକ୍ଷା ସମିତି ସେଠାରେ ଚାର ଲାଗାଇବା, ଜେସିବି ଲଗାଇ ଗାତ ଖୋଳିବା ଆଦି କାମ କରୁଛି। ଏ ନେଇ ଗ୍ରାମବାସୀ ଗତ ୪ ତାରିଖରେ ଉମରକୋଟ ତହସିଲଦାର, ବିଡିଓ, ବନ ବିଭାଗ ଅଧିକାରୀ ଏବଂ ଥାନାଧିକାରୀଙ୍କୁ ଅଭିଯୋଗପତ୍ର ସମସ୍ୟା ଜଣାଇଥିଲେ। ତଥାପି ମଧ କୌଣସି ସୁଫଳ ମିଳିଲାନି। ତେଣୁ ବାଧ ହୋଇ ଜିଲାପାଳଙ୍କ ଦ୍ୱାରସ୍ଥ ହେଲୁ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମ ସଭା ଓ ଜଙ୍ଗଲ ଅଧିକାର କମିଟିର ବିନା ଅନୁମତିରେ ବେଆଇନଭାବେ ଜବରଦସ୍ତ ବନବିଭାଗ କର୍ମଚାରୀ ଓ ବନସୁରକ୍ଷା ସମିତି ଜଙ୍ଗଲ କିସମ ଦଖଲ ଚାଷ ଜମି ମଧ୍ୟରେ ଚାରାରୋପଣ କାର୍ଯ୍ୟ ବନ୍ଦ, ଜେସିବି ଦ୍ୱାରା ଯେଉଁ ଗାତ ସବୁ ଖୋଳାଯାଇଛି ଉକ୍ତ ଜେସିବିସବୁକୁ ଆଇନ ଅନୁଯାୟୀ ଜବତ କରାଯାଉ ବୋଲି ଲୋକେ ଦାବି କରିଛନ୍ତି। ସମସ୍ୟାର ସମାଧାନ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସାରିଆ ଭଟ୍ଟା ଏବଂ କପସାଭଟ୍ଟା ଗ୍ରାମବାସୀ ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି।




ଜିଲାପାଳଙ୍କୁ ଭେଟିବାକୁ ଆସିଥିବା କପସାଭଟ୍ଟା ଓ ସାରିଆଭଟ୍ଟା ଗ୍ରାମବାସୀ।

